# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 10 May - 2025

************************************

## ମୁଖ୍ୟ ସମ୍ବାଦ

- ● ସାମ୍ପ୍ରତିକ ପରିସ୍ଥିତିକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ, ତିନିସେନା ମୁଖ୍ୟ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

– ଭାରତରେ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି କରିବା ପାଇଁ ପାକିସ୍ତାନ ଚେଷ୍ଟା କରୁଛି; କହିଲେ ବୈଦେଶିକ ସଚିବ

- ରାଜ୍ୟ ସରକାରଙ୍କ ପକ୍ଷରୁ ବିହିତ ପଦକ୍ଷେପ ସ୍ୱରୂପ ସମସ୍ତ ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀଙ୍କ ଛୁଟି ବାତିଲ

– ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷାକୁ ନେଇ ପୁଲିସ ମହାନିର୍ଦ୍ଦେଶକଙ୍କ ସମୀକ୍ଷା

- ଓଡ଼ିଶା ହାଇକୋର୍ଟ ସମେତ ଜିଲ୍ଲାସ୍ତରୀୟ ଅଦାଲତଗୁଡ଼ିକରେ ଆଜି ଚାଲିଛି ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଏବଂ

- ଚଳିତ ମାସ ୨୭ ତାରିଖ ସୁଦ୍ଧା ମୌସୁମୀ କେରଳ ତଟ ଛୁଇଁବା ନେଇ ପାଣିପାଗ ବିଭାଗର ସୂଚନା

*Desk*

## ପିଏମ୍- ଡିଫେନ୍ସ ମିଟ୍

ଭାରତ-ପାକିସ୍ତାନ ମଧ୍ୟରେ ଦେଖା ଦେଇଥିବା ଉତ୍ତେଜନାମୂଳକ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ତାଙ୍କର ନୂଆଦିଲ୍ଲୀ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ତିନିସେନା ମୁଖ୍ୟ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

*Desk*

## ଅପରେସନ୍ ସିନ୍ଦୂର

ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନାମୂଳକ ପରିସ୍ଥିତିକୁ ନେଇ ପ୍ରତିରକ୍ଷା ଓ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀଠାରେ ଆଜି ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ଉତ୍ତେଜନା ସୃଷ୍ଟି କରିବା ଏବଂ ପରିସ୍ଥିତିକୁ ଜଟିଳ କରିବା ପାଇଁ ପାକିସ୍ତାନ ପକ୍ଷରୁ ଚେଷ୍ଟା କରାଯାଉଛି । ହେଲେ ଭାରତୀୟ ସଶସ୍ତ୍ର ବାହିନୀ ପକ୍ଷରୁ ଏହାର କଡ଼ା ଜବାବ ଦିଆଯାଉଛି ।

**- V/O - Bikram Misri**

ପାକିସ୍ତାନ ସେନା ପକ୍ଷରୁ ଡ୍ରୋନ୍, ଲଢୁଆ ବିମାନ, ଦୂରଗାମୀ କ୍ଷେପଣାସ୍ତ୍ର ବ୍ୟବହାର କରି ଭାରତର ୨୬ରୁ ଊର୍ଦ୍ଧ୍ୱ ସ୍ଥାନକୁ ଆକ୍ରମଣ

କରାଯାଇଛି । ଉଧମପୁର, ପଠାନକୋଟ, ଆଦମପୁର, ଭୁଜ ଓ ଭଟିଣ୍ଡାସ୍ଥିତ ବାୟୁସେନା ଘାଟି ଉପରେ ପାକିସ୍ତାନ ସେନା ଆକ୍ରମଣ କରିଛି ବୋଲି କର୍ଣ୍ଣେଲ ସୋଫିଆ କ୍ୟୁରୋସି କହିଛନ୍ତି ।

**- V/O - Col Sofiya Quresi**

ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନର ସାମିରକ କ୍ଷେତ୍ର, ବୈଶ୍ୱିକ ଭିତ୍ତିଭୂମି, କମାଣ୍ଡ ଏବଂ କଣ୍ଟ୍ରୋଲ ସେଣ୍ଟର, ରାଡାର ସ୍ଥଳୀ ଏବଂ ଅସ୍ତ୍ରଶସ୍ତ୍ର ସଂରକ୍ଷଣ କେନ୍ଦ୍ରକୁ ଆକ୍ରମଣ କରାଯାଇଥିବା ୱିଙ୍ଗ କମାଣ୍ଡର ଭ୍ୟୋମିକା ସିଂ କହିଛନ୍ତି ।

ପାକିସ୍ତାନ ପକ୍ଷରୁ ବେସାମରିକ ଭିତ୍ତିଭୂମି ଓ ଜନବସତି ଅଞ୍ଚଳ, ସ୍କୁଲ, ମନ୍ଦିର ଏବଂ ପୂଜାସ୍ଥଳୀକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଉଛି । ଏହାର ଜବାବରେ ଭାରତ ସେନାର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ପାକିସ୍ତାନକୁ ବ୍ୟାପକ କ୍ଷତି ପହଁଞ୍ଚାଉଥିବା ଭାରତୀୟ ସେନା ପକ୍ଷରୁ ବିବୃତିରେ କୁହାଯାଇଛି ।

ପାକିସ୍ତାନ ସେନା ଆକ୍ରମଣାତ୍ମକ ହୋଇ ଭାରତ ଉପରେ ସଶସ୍ତ୍ର ଆକ୍ରମଣ କରୁଛି । ହେଲେ ଭାରତୀୟ ସଶସ୍ତ୍ରବଳ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିବା ସହ ନିଜର ପ୍ରତିରକ୍ଷା କରୁଛି ବୋଲି ବୈଦେଶିକ ସଚିବ କହିଛନ୍ତି । ପାକିସ୍ତାନ' ଜାମ୍ମୁ-କାଶ୍ମୀରର ରଜୌରୀ ସହର ଉପରେ ତୋପ ମାଡ଼ କରିବାରୁ ସେହି ଅଞ୍ଚଳର ଅତିରିକ୍ତ ଜିଲ୍ଲା ଉନ୍ନୟନ କମିଶନର

ରାଜକୁମାର ଥାପ୍ପାଙ୍କ ମୃତ୍ୟୁ ହୋଇଛି। ଏହା ସହ ସାଧାରଣ ନାଗରିକଙ୍କୁ ବ୍ୟାପକ କ୍ଷତି ପହଁଞ୍ଚୁଥିବା ଶ୍ରୀ ମିଶ୍ରି କହିଛନ୍ତି।

ଭାରତର ଏସ୍-୪୦୦ ସିଷ୍ଟମ ଓ ସୁରତଗଡ଼ ଏବଂ ସିର୍ସାରେ ଥିବା ବିମାନ ବନ୍ଦରକୁ ଧ୍ୱଂସ କରିଥିବା ପାକିସ୍ତାନ ପକ୍ଷରୁ ଦାବି କରାଯିବା ସହ ମିଥ୍ୟା ଖବର ପ୍ରଚାର କରାଯାଉଛି। ଏହାକୁ ଭାରତୀୟ ସେନା ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖାନ କରୁଛି ବୋଲି ଓ୍ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂ କହିଛନ୍ତି।

ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ୩୨ଟି ବିମାନ ବନ୍ଦରକୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି । ସେହିଭଳି ବିମାନ ଯାତ୍ରା ସମୟରେ ଯାତ୍ରୀଙ୍କପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି ।

ବହୁ ସ୍ଥାନରେ ବିମାନ ବନ୍ଦର ବନ୍ଦ ହେବା ଯୋଗୁ ପ୍ରଭାବିତ ଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ଥିତିର ବିସ୍ତୃତ ସମୀକ୍ଷା କରିବା ସହ ସୀମାନ୍ତ ଅଞ୍ଚଳରେ ସ୍ୱତନ୍ତ୍ର ଟ୍ରେନ୍ ସେବା ଆରମ୍ଭ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଅପରପକ୍ଷରେ ଜମ୍ମୁରେ ଅଧ୍ୟୟନରତ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବାପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯିବା ସହ ସ୍ୱତନ୍ତ୍ର ନମ୍ବର

ଜାରି କରାଯାଇଛି । ଦିଲ୍ଲୀସ୍ଥିତ ଓଡ଼ିଶା ନିବାସ କଣ୍ଟ୍ରୋଲ ରୁମ୍ ଯୋଗାଯୋଗ ନମ୍ବର ୭୪୨୮-୧୩୫-୦୪୪, ୦୧୧-୨୪୬-୭୯୨-୦୧, ଭୁବନେଶ୍ୱର ସଂସ୍କୃତି ଭବନ କଣ୍ଟ୍ରୋଲ ରୁମ୍ ଯୋଗାଯୋଗ ନମ୍ବର ୦୬୭୪-୨୪୩-୧୯୪୫, ୯୫୮୩-୩୨୧-୯୬୪ ପ୍ରଦାନ କରାଯାଇଛି ।

***BBSR/R***

## ଛୁଟି ବାତିଲ

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ଭାରତୀୟ ପୁଲିସ ପ୍ରଶାସନିକ ସେବା ଅଧିକାରୀ– ଆଇ.ପି.ଏସ୍'ଙ୍କ ଛୁଟି ବାତିଲ କରାଯାଇଛି ବୋଲି ଗୃହ ବିଭାଗ ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରାଯାଇଛି । ଯେଉଁମାନେ ଛୁଟିରେ ଅଛନ୍ତି ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ପୁଲିସ ମହାନିର୍ଦ୍ଦେଶକଙ୍କ ବିନା ଅନୁମତିରେ କୌଣସି ଆଇ.ପି.ଏସ୍. ଅଧିକାରୀ ମୁଖ୍ୟାଳୟ ନ ଛାଡ଼ିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଅଧିକାରୀ ଓ ଜିଲ୍ଲାପାଳଙ୍କ ଛୁଟି ମଧ୍ୟ ବାତିଲ କରାଯାଇଛି । ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଆର୍.ଡି.ସି.ଙ୍କୁ ଚିଠି ଲେଖି ଅବଗତ କରାଯାଇଛି ।

*Puri/HS/Desk*

## ସୁରେଶ ପୂଜାରୀ- ଡ୍ରୋନ୍

ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନାମୂଳକ ପରିସ୍ଥିତିରେ ରାଜ୍ୟର ସାମୁଦ୍ରିକ ତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ା କରିବାପାଇଁ ଆଜି ଭୁବନେଶ୍ୱର ଡିଜି କ୍ୟାମ୍ପ ଅଫିସରେ ପୁଲିସ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ତଟବର୍ତ୍ତୀ ସୁରକ୍ଷାକୁ ନେଇ ସାମୁଦ୍ରିକ ଅତିରିକ୍ତ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା କହିଛନ୍ତି, କମ୍ୟୁନିଟି ପୁଲିସିଂ କାର୍ଯ୍ୟକ୍ରମ ଚାରି ମାସ ଧରି ଆରମ୍ଭ କରାଯାଛି। ଏହାସହ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା ୧୪୨କୁ ବୃଦ୍ଧି କରାଯାଇଛି। ତଟବର୍ତ୍ତୀ ସୁରକ୍ଷାକର୍ମୀ, ମେରାଇନ ଥାନାଗୁଡ଼ିକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲାରେ ଥିବା ସମସ୍ତ ଚାରୋଟି ସାମୁଦ୍ରିକ ଥାନା– ଅସ୍ତରଙ୍ଗ, ଚନ୍ଦ୍ରଭାଗା, ପେଣ୍ଠକଟା ଓ ଅରଖକୁଦା ଥାନା ଅଞ୍ଚଳରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ଏହି ସବୁ ଥାନା ଅଞ୍ଚଳଗୁଡ଼ିକରେ ଗୋଟିଏ ଲେଖାଏଁ ପୁଲିସ କମ୍ପାନୀ ମୁତୟନ କରାଯାଇଛି। ସମୁଦ୍ର ପଥରେ ପାକିସ୍ତାନ ପକ୍ଷରୁ ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ଏବଂ ଅନୁପ୍ରବେଶକୁ ରୋକିବା ପାଇଁ ଏହି ସବୁ

ପୁଲିସ ଥାନା ଗୁଡ଼ିକରେ ହାଇଆଲର୍ଟ ଜାରି କରାଯାଇଛି। ସମୁଦ୍ରରେ ଅଚିହ୍ନା ଡଙ୍ଗା, ମତ୍ସ୍ୟଜୀବୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସ୍ୱତନ୍ତ୍ର ସଶସ୍ତ୍ର ବଳ ପକ୍ଷରୁ ମିଳିତ ଭାବେ ସମୁଦ୍ର ଭିତରେ ୨୪ ଘଣ୍ଟିଆ ପହରା ଦିଆଯାଉଛି ବୋଲି ପୁରୀ ପୁଲିସ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ଅଣପଞ୍ଜୀକୃତ ଡ୍ରୋନ୍ ରଖିଥିବା ଅପରେଟରଙ୍କ ଉପରେ କଡ଼ା ନଜର ରଖିବା ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପୁଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ସ୍ଥାନମାନଙ୍କରେ ସଜାଗ ରହିବା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

*CTC/BHK*

## ରାଷ୍ଟ୍ରୀୟ ଲୋକ ଅଦାଲତ

ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଅଦାଲତରେ ଅନୁଷ୍ଠିତ ହେଉଛି। ଓଡ଼ିଶା ହାଇକୋର୍ଟରେ ୯ ଜଣ ବିଚାରପତି ବିଭିନ୍ନ କୋର୍ଟରେ ମାମଲାଗୁଡ଼ିକର ଆପୋଷ ସମାଧାନ କରୁଛନ୍ତି।

ଭଦ୍ରକ ଜିଲ୍ଲା କୋର୍ଟ, ନଳାଙ୍ଗ ପରିସରରେ ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ

ହୋଇଯାଇଛି। ମୋଟ୍ ୧ ହଜାର ୧୦୬ଟି ମୋକଦ୍ଦମାର ଆପୋଷ ସମାଧାନ କରାଯାଇ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଥିଲା।

***Desk***

## ବ୍ୟାଙ୍କ୍ ସେବା

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନୂଆଦିଲ୍ଲୀରେ ବ୍ୟାଙ୍କିଙ୍ଗ୍ ଏବଂ ୟୁ.ପି.ଆଇ. ଭଳି ଡିଜିଟାଲ୍ ଆପ୍ଲିକେସନ୍ ସମେତ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ପରିଚାଳନାଗତ ଏବଂ ସାଇବର ସୁରକ୍ଷା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀମତୀ ସୀତାରମଣ ଦେଶରେ ଉପୁଜିଥିବା ସମ୍ପ୍ରତି ଉତ୍ତେଜନା ପରିସ୍ଥିତି ସମୟରେ ସୀମାନ୍ତ ଅଞ୍ଚଳରେ ଥିବା ବ୍ୟାଙ୍କ୍‌ଗୁଡ଼ିକର କର୍ମଚାରୀ ଓ ସେମାନଙ୍କ ପରିବାରର ନିରାପତ୍ତା ସୁନିଶ୍ଚିତ କରିବାକୁ ବ୍ୟାଙ୍କ୍‌ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଯେକୌଣସି ପରିସ୍ଥିତିର ମୁକାବିଲାପାଇଁ ପ୍ରସ୍ତୁତ ରହିବା ସହ ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ସେବାଗୁଡ଼ିକର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସମସ୍ତ ବ୍ୟାଙ୍କ୍‌କୁ ସେ ପରାମର୍ଶ ଦେଇଛନ୍ତି ।

*Desk*

# ପାଣିପାଗ

ଚଳିତ ମାସ ୨୭ ତାରିଖ ଆଡ଼କୁ ମୌସୁମୀ କେରଳ ତଟ ଛୁଇଁବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ପାଣିପାଗ ବିଭାଗର ମଡେଲ ଅନୁସାରେ, ଏହି ତାରିଖର ଚାରିଦିନ ପୂର୍ବରୁ କିମ୍ବା ଚାରିଦିନ ପରେ ମୌସୁମୀ ଦେଶରେ ପ୍ରବେଶ କରିବ। ଅନ୍ୟପକ୍ଷରେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ୧୧ଟି ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏହା ସହ ଆଗାମୀ ୪ରୁ ୫ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସର୍ବାଧିକ ତାପମାତ୍ରା ୩ରୁ ୫ ଡିଗ୍ରୀ ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।